# ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଏବଂ ଏହାର ଉପାଦେୟତା

ଦିଲ୍ଲୀପ୍ ରଞ୍ଜନ ଷଡ଼ଙ୍ଗୀ, ସୁଜାତା ସେଠୀ,
ତୁଷାର ରଞ୍ଜନ ସାହୁ, ରଞ୍ଜନ କୁମାର ମହାନ୍ତ ଓ ଦେବାଶିଷ୍ ଜେନା













## ମୃତ୍ତିକା ସାସ୍ଥ୍ୟକାର୍ଡର ପରିକଳ୍ପନା



- ଏହି ଯୋଜନାରେ କୃଷକମାନଙ୍କୁ କମ୍ ମୂଲ୍ୟରେ ଅଧିକ ଅମଳ ହାସଲ କରିବାକୁ ସକ୍ଷମ କରିବା ପାଇଁ ସାରର ମାଟି ପରୀକ୍ଷା ଭିତ୍ତିକ ଏବଂ ସନ୍ତୁଳିତ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରହିଛି ।
- ମାଟିର ଗୁଣ ଉପରେ ନିର୍ଭର କରି ସଂପୃକ୍ତ ଫସଲ ପାଇଁ ଉପଯୁକ୍ତ ପରିମାଣର ପୋଷକତତ୍ତ୍ୱ ବିଷୟରେ କୃଷକ ମାନଙ୍କୁ ସଚେତନ କରିବା ମଧ୍ୟ ଏହାର ମୁଖ୍ୟ ଉଦ୍ଦେଶ୍ୟ ।

## ମୃତ୍ତିକା ସାସ୍ଥ୍ୟ କାର୍ଡର ଗୁରୁତ୍ୱ




- ଏହା ସାଧାରଣତଃ ମୃତ୍ତିକାର ସ୍ୱାସ୍ଥ୍ୟରେ ଦୀର୍ଘକାଳୀନ ଧାରା ରେକର୍ଡ କରିବାରେ ସାହାଯ୍ୟ କରେ ।
- ଏହି ସୂଚକ ବ୍ୟବହାର କରିବା ଦ୍ୱାରା ମାଟିର କ୍ଷମତା ଏବଂ ସ୍ଥାନର୍ ସୀମିତତା ମଧ୍ୟରେ ଫସଲ ଉତ୍ପାଦନକୁ ସମର୍ଥନ କରିବାର କ୍ଷମତା ଆକଳନ କରେ ।
- ଏହି କାର୍ଡ ଚାଷଜମି ପାଇଁ ଆବଶ୍ୟକ ସାରର ଫସଲ ଅନୁଯାୟୀ ସୁପାରିଶ ବହନ କରି କୃଷକମାନଙ୍କୁ ମୃତ୍ତିକାର ସ୍ୱାସ୍ଥ୍ୟ ଚିହ୍ନଟ କରିବାରେ ସାହାଯ୍ୟ କରେ ।
- ଏହା ମୃତ୍ତିକାର pH, EC, ଗଭୀରତା, ରଙ୍ଗ, ଗଠନ ଓ ଜୈବିକ ଅଙ୍ଗାରକର ଅବକ୍ଷୟ ପ୍ରକାର ଇତ୍ୟାଦିର ସୂଚନା ଦେବା ସହିତ କୃଷକ ଓ ଯୋଜନାକାରୀଙ୍କୁ ମାର୍ଗ ଦର୍ଶନ କରିଥାଏ ।

କୃଷି ବିଜ୍ଞାନ କେନ୍ଦ୍ର ବୈଷୟିକ ଇସ୍ତାହାର : ୩୧ (ଫେବୃୟାରୀ ୨୦୨୨)
ସଂପାଦନା: ଡ. ଦିଲ୍ଲୀପ୍ ରଞ୍ଜନ ଷଡ଼ଙ୍ଗୀ
ସହଯୋଗିତା: ପ୍ରଶାନ୍ତ ପ୍ରଧାନ, ସତ୍ୟ ରଞ୍ଜନ ରାଉତ ଓ କ୍ଷିରୋଦ ପ୍ରଧାନ
ପ୍ରକାଶକ: ଭାରପ୍ରାପ୍ତ ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ର, କଟକ
ଭାକୃଅନୁପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ
E-mail: kvkcuttack@gmail.com   Website : www.kvkcuttack.com

## ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ



ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ (SHC: Soil Health Card) ଭାରତ ସରକାରଙ୍କ ଏକ ଯୋଜନା ଯାହା କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ କୃଷି ଏବଂ ସହଯୋଗ ବିଭାଗ ଦ୍ୱାରା ପ୍ରୋତ୍ସାହିତ । ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଂଚଳ ସରକାରଙ୍କ କୃଷି ବିଭାଗ ମାଧ୍ୟମରେ ଏହା କାର୍ଯ୍ୟକାରୀ ହେଉଛି । ଏହା ପ୍ରତ୍ୟେକ କୃଷକଙ୍କୁ ମୃତ୍ତିକାର ପୁଷ୍ଟିକର ସ୍ଥିତି, ସାରର ମାତ୍ରା ଓ ଆବଶ୍ୟକତା ଏବଂ ମୃତ୍ତିକା ସଂଶୋଧନ ବିଷୟରେ ତାଙ୍କୁ ପରାମର୍ଶ ଦେବା ପାଇଁ ଉଦ୍ଦିଷ୍ଟ, ଯାହାକି ଦୀର୍ଘ ସମୟ ମୃତ୍ତିକାର ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ବ୍ୟବହାର କରାଯାଏ । ୫ ଡିସେମ୍ବର କୁ ବିଶ୍ୱ ମୃତ୍ତିକା ଦିବସ ରୂପେ ପାଳନ କରାଯାଏ । ଏହା ଏକ ମୁଦ୍ରିତ ରିପୋର୍ଟ ଯେଉଁଥିରେ ୧ ୨ଟି ପୁଷ୍ଟିକର ଖାଦ୍ୟ ସହିତ ମାଟିର ପୁଷ୍ଟିକର ସ୍ଥିତି ରହିଛି । pH, EC, OC, N, P, K, S, Zn, B, Fe, Mn, Cu ମୃତିକାର ସ୍ୱାସ୍ଥ୍ୟ ଏବଂ ଉର୍ବରତା, କୃଷକମାନଙ୍କର ସ୍ୱଳ୍ପ ଖର୍ଚ୍ଚ ଏବଂ ଅଧିକ ଲାଭ ହାସଲ କରିବା ପାଇଁ ମୃତ୍ତିକା ପରୀକ୍ଷା ମୂଲ୍ୟ ଉପରେ ଆଧାର କରି ପ୍ରତି ୩ବର୍ଷ ବ୍ୟବଧାନରେ SHC ଯୋଗାଇ ଦିଆଯାଏ ।

## ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡର ଉଦ୍ଦେଶ୍ୟ



- ମୃତ୍ତିକାର ଗୁଣ ଏବଂ କୃଷକମାନଙ୍କର ଲାଭରେ ଉନ୍ନତି ଆଣିବା ।
- ଗ୍ରାମ୍ୟ ଯୁବକ ମାନଙ୍କ ପାଇଁ ରୋଜଗାର ସୃଷ୍ଟି କରିବା ।
- ମୃତ୍ତିକା ବିଶ୍ଳେଷଣ ଉପରେ ସୂଚନା ଅଧ୍ୟୟନ କରିବା ।
- କୃଷକମାନଙ୍କୁ ସେମାନଙ୍କ ଦ୍ୱାରରେ ମାଟିର ପରୀକ୍ଷା ସୁବିଧା ଯୋଗାଇ ଦେବା ।

## ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡର ଉପାଦେୟତା

- SHC କୃଷକମାନଙ୍କର ମୃତ୍ତିକା ସ୍ୱାସ୍ଥ୍ୟରେ ଉନ୍ନତି ଆଣି ଉତ୍ପାଦନ ବଢାଇବାରେ ସାହାଯ୍ୟ କରେ ।
- SHC ପାଇବା ପରେ କୃଷକମାନେ NPK ବ୍ୟବହାର ହ୍ରାସ କରିଛନ୍ତି । ତା'ସହ ଅଣୁସାର ଅଧିକ ବ୍ୟବହାର କରିଛନ୍ତି ।



- ଏହା କୃଷକମାନଙ୍କୁ ଧାନ ଏବଂ କପା ପରି ଅଧିକ ଖର୍ଚ୍ଚ ହେଉଥିବା ଫସଲରୁ କମ୍ ଖର୍ଚ୍ଚ ହେଉଥିବା ଥିବା ଫସଲକୁ ଅଲଗା କରିବାରେ ସାହାଯ୍ୟ କରିଛି ।
- ଏହା ମଧ୍ୟ କୃଷକମାନଙ୍କୁ ବିକଳ୍ପ ଫସଲ ପ୍ରବନ୍ଧନରେ ସାହାଯ୍ୟ କରିଛି ।
- ଏହା ସରକାରଙ୍କ ଠାରୁ ସବ୍‌ସିଡି ଯୁକ୍ତ ଅଣୁସାର ପରି ନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତ କରିବାରେ ସାହାଯ୍ୟ କରିଥାଏ ।

## ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡର ସମସ୍ୟା



- ଅନେକ କୃଷକ SHC ର ବିଷୟବସ୍ତୁ ବୁଝିବାରେ ଅସମର୍ଥ, ତେଣୁ ପରାମର୍ଶିତ ଅଭ୍ୟାସ ଅନୁସରଣ କରିବାରେ ଅସମର୍ଥ ।
- କ୍ଷେତ୍ର ପ୍ରତି ମୃତ୍ତିକାର ନମୁନା ସଂଖ୍ୟା ମୃତ୍ତିକା ପରିବର୍ତ୍ତନଶୀଳତା ଉପରେ ଆଧାରିତ ନୁହେଁ ।
- କୃଷି ସମ୍ପ୍ରସାରଣ ଅଧିକାରୀ ଏବଂ କୃଷକଙ୍କ ମଧ୍ୟରେ ସମନ୍ୱୟର ଅଭାବ ।
- ଅଣୁଜୀବ ଜନୀତ କାର୍ଯ୍ୟକଳାପ ଓ ଜଳ ଧାରଣା କ୍ଷମତା ଜରୁରୀ, କିନ୍ତୁ SHC ରେ ତାହା ନଥାଏ ।



- ଏଥିରେ ସାଧାରଣତଃ ରାସାୟନିକ ପୁଷ୍ଟିକର ସୂଚକ ଉପରେ ଉଲ୍ଲେଖ ହୋଇଥାଏ । ଭୌତିକ ଏବଂ ଭୂତତ୍ତ୍ୱ ସମ୍ବନ୍ଧୀୟ ତଥ୍ୟ ଉଲ୍ଲେଖ ହୋଇନଥାଏ ।
- କେତେକ ଗୁରୁତ୍ୱପୂର୍ଣ୍ଣ ସୂଚକ, କୃଷିଜାତ ଦ୍ରବ୍ୟର ଇତିହାସ, ମୃତ୍ତିକାର ଗଠନ, ଜଳ ଉତ୍ସ, ମାଟିର ଖାଲ/ଗଭୀରତା ଓ ମାଟିର ରଙ୍ଗ ଇତ୍ୟାଦି SHC ର ଅର୍ନ୍ତଭୁକ୍ତ ନୁହେଁ ।